# Akashvani, Sambalpur

## SAMBALPURI NEWS MORNING BULLETIN

## 13 August 2026 - 6.47- 6.52 am.

---

କେବିନେଟ୍ ବୈଠକ          ଆଇ ଆଣ୍ଡ ପି.ଆର୍

ଏଗ୍ରିଷ୍ଟେକ୍‌ଥି ପଞ୍ଜିକରଣ୍ ନାଇଁକରିଥିଲେ ଭିଲ୍ ଚାଷୀମାନେ ଧାନ୍ ବିକିପାର୍‌ବେ । ଆଘର୍ ବଛର୍ ବାଗିର୍ ଇ ବଛର୍ ଭିଲ୍ ପି-ପାସ୍ ପୋର୍ଟାଲ୍‌ଥି ପଞ୍ଜିକରଣ୍ କରିକରି ଧାନ୍ ବିକି ପାର୍‌ବେ ବଲି ରାଜ୍ୟ କେବିନେଟ୍ ବୈଠକ୍‌ଥି ନିଷ୍ପତି ନିଆଯାଇଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ଲୋକ୍‌ସେବା ଭବନ୍ ନ ହେଇଥିବା କେବିନେଟ୍ ବୈଠକ୍‌ଥି ୬ ଟା ବିଭାଗ୍‌ର ୧୦ ଟା ପ୍ରସ୍ତାବ୍‌କେ ମଞ୍ଜୁରୀ ମିଳିଛେ । ବୈଠକ୍ ଉତ୍‌ରୁ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ ସୂଚ୍‌ନା ଦେଇକରି କହିଛନ୍,

(ଭଏସ୍ ଓଭର୍- ଅନୁ ଗର୍ଗ)

ଖରିଫ୍ ଧାନ୍ ଘିନା          ଆର୍‌ଏନ୍‌ୟୁ/ ସମ୍ବଲପୁର

୨୦୨୬-୨୭ ବଛର୍ ଖରିଫ୍ ଧାନ୍ ଘିନା ଲାଗି ଚାଷୀ ପଞ୍ଜିକରଣ୍ ପ୍ରକ୍ରିୟାକେ ସ୍ୱଚ୍ଛ, ସହଜ୍ ଆଉ ସରଲ୍ କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍ କାମ୍ କରୁଛନ୍ । ଇହାଦେତକ୍ ଚାଲିଥିବା ପ୍ରକ୍ରିୟାଥି ୮୫ ହଜାର୍ ଚାଷୀ ନିଜର୍ ପଞ୍ଜିକରଣ୍ କରେଇ ସାଏଲେନ । ଗଲା ୬ ତାରିଖ୍‌ନୁ ମୁଲ୍ ହେଇଥିବା ଇ ପ୍ରକ୍ରିୟା ଆଏବା ୩୧ ତାରିଖ୍‌ତକ୍ ଚାଲ୍‌ବା । ଚାଷୀମାନେ ପେକ୍ସ ଲେମ୍ପ୍ସ ଆଉ ପାଣିପଂଚାୟତ୍ ନ ମାହାଲିଆ ପଞ୍ଜିକରଣ୍ କରେଇପାର୍‌ବେ । ପଞ୍ଜିକରଣ୍ ବେଲ୍‌କେ ସୋସାଇଟି କର୍ମଚାରୀମାନେ ଆଇରିସ୍ ସ୍କେନର୍ ଜରିଏ ଇ କେଓ୍ୱାଇସି କରିକରି ପି-ପାସ୍‌ଥି ତଥ୍ୟ ଅପ୍‌ଲୋଡ୍ କର୍‌ବେ । ରାଜ୍ୟର୍ ସବୁ ଯୋଗ୍ୟ ଚାଷୀମାନ୍‌କୁ ଜଲ୍‌ଦି ପଞ୍ଜିକରଣ୍ କର୍‌ବାର୍‌କେ ସର୍‌କାର୍‌ଙ୍କର୍ ତର୍‌ଫୁ କୁହାଯାଇଛେ ।

ରାଷ୍ଟ୍ରପତି ଆର୍‌ଏନ୍‌ୟୁ/ କଟକ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏଜ୍ ନୂଆଦିଲ୍ଲୀର୍ ବିଜ୍ଞାନ୍ ଭବନ୍ ଠାନେ ୨୦୨୪ ଆଉ ୨୦୨୫ ବଛର୍ ଲାଗି ଶହେ ୧୫ ଝନ୍

କଳାକାରଙ୍କୁ ସଂଗୀତ୍ ନାଟକ୍ ଏକାଡେମୀ ପୁରସ୍କାର୍ ପ୍ରଦାନ୍ କର୍‌ବେ । କାର୍ଯ୍ୟକ୍ରମ୍‌ଥି କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍ ଆଉ ସଂସ୍କୃତି ରାଷ୍ଟ୍ରମନ୍ତ୍ରୀ ରାଓ ଇନ୍ଦ୍ରଜିତ୍ ସିଂ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ । ବିଜେତାମାନ୍‌କୁ ପୁରସ୍କାର୍ ରାଶି ବାବଦ୍ ୩ ଲାଖ୍ ଟଙ୍କା, ଅଙ୍ଗବସ୍ତ୍ର ଆଉ ତାମ୍ରପତ୍ର ଦିଆଯିବା ।

ମେଡ଼ିକାଲ୍ କଲେଜ-ଡି.ଏନ୍.ବି. ସିଟ ହି.ସ.

ରାଜ୍ୟର୍ ୩ ଟା ସର୍‌କାରୀ ମେଡ଼ିକାଲ୍ କଲେଜ୍ ନ ୧୧ ଟା ପୋଷ୍ଟ ଡିପ୍ଲୋମା ଡି.ଏନ୍.ବି. ସିଟ୍‌କେ ଅନୁମୋଦନ୍ ମିଲିଛେ । ନୂଆଦିଲ୍ଲୀ ନ ଥିବା ଭେଷଜ ବିଜ୍ଞାନ୍ ଜାତୀୟ ପରୀକ୍ଷା ବୋର୍ଡ଼ ତର୍‌ଫୁ ରାଜ୍ୟର୍ ୩ ଟା ସର୍‌କାରୀ ମେଡ଼ିକାଲ୍ କଲେଜ୍ ନ ପ୍ରସୂତି ଆଉ ସ୍ତ୍ରୀ ରୋଗ, ଚକ୍ଷୁ, ଟିବି, ଆଉ ଛାତିରୋଗ୍ ଆଉ ନିଶ୍ଚେତନ ବିଜ୍ଞାନ୍ ବାଗିର୍ ଜରୁରୀ ବିଭାଗ୍‌ଥି ୧୧ ଟା ପୋଷ୍ଟ ଡିପ୍ଲୋମା ଡିଏନ୍‌ବି ସିଟ୍‌କେ ମାନ୍ୟତା ମିଲିଛେ । ବଲାଙ୍ଗିର୍ ଭୀମଭୋଇ ମେଡ଼ିକାଲ୍ କଲେଜ୍ ଆଉ ହାସ୍‌ପାତାଲ୍, ପୁରୀ ଜଗନ୍ନାଥ୍ ମେଡ଼ିକାଲ୍ କଲେଜ୍ ଆଉ ହାସ୍‌ପାତାଲ୍ ଆର୍ କୋରାପୁଟ୍ ଶହୀଦ୍ ଲକ୍ଷ୍ମଣ୍ ନାୟକ୍ ମେଡ଼ିକାଲ୍

କଲେଜ୍ ଆଉ ହାସ୍‌ପାତାଲ୍ ନ ଇ ସିଟ୍‌କେ ମାନ୍ୟତା ଦିଆଯାଇଛେ ।

ଜାପାନ୍ ସେଂଟର୍ ଅଫ୍ ଏକ୍ସଲେନ୍ସ          ଆଇ ଆଣ୍ଡ ପି.ଆର୍

ଭୁବନେଶ୍ୱର୍ ନ ଥିବା ନିଟ୍‌କାଲ୍ ଏଂଟର୍‌ପ୍ରାଇଜ୍ ସର୍ଭିସେସ୍ କେମ୍ପସ୍‌ଥି ଜାପାନିଜ୍ ଏସ୍.ଏ.ପି. ସଫ୍ଟୱେର୍ ଗ୍ଲୋବାଲ୍ କେପାବିଲିଟି ସେଂଟର୍ ସହେତେ ଏ.ଆଇ., ରୋବୋଟିକ୍ସ ଆଉ ଜାପାନ୍ ସେଂଟର୍ ଅଫ୍ ଏକ୍ସଲେନ୍ସର ଉଦ୍‌ଘାଟନ୍ ହେଇଛେ । ଇ ପଦକ୍ଷେପ୍ ରାଏଜେ ଆଧୁନିକ୍ ପ୍ରଯୁକ୍ତି, ନବସୃଜନ ଆଉ ଶିଳ୍ପଭିତିକ୍ ଦକ୍ଷତା ବିକାଶ୍‌ଥି ନୂଆଁ ଅଧ୍ୟୟ ବନାବା । ଇତାର୍‌ସହେତେ ଇଟା ଯୁଆନ୍ ପିଢ଼ି ମାନ୍‌କର୍ ଲାଗି ଉଚ୍ଚ ଦକ୍ଷତା ଭିତିକ୍ ନିଯୁକ୍ତି ଆଉ ନୂଆଁ ସୁଯୋଗ୍ ଭିଲ୍ ତିଆର୍ କର୍‌ବା ।

ଛାତ୍ରବୃତି          ଆଇ ଆଣ୍ଡ ପି.ଆର୍

୨୦୨୬-୨୭ ଶିକ୍ଷା ବଛର୍ ଲାଗି ସିନେମା, ବିଡ଼ି ଆଉ ଅଣକୋଇଲା ଖଣି ଶ୍ରମିକ୍ ମାନ୍‌କର୍ ଛୁଆମାନ୍‌କର୍ ଲାଗି ଛାତ୍ରବୃତି

ପୋର୍ଟାଲ୍ scolarships.gov.in ଜରିଏ ଆବେଦନ୍ ମୁଲ୍ ହେଇଛେ । ୧ ନୁ ୧୦ ଶ୍ରେଣୀତକ୍ ଛାତ୍ରଛାତ୍ରୀ ଆଏବା ୩୧ ତାରିଖ୍ତକ୍ ଆଉ ୧୧ ନୁ ଅଏତ୍କା ଶ୍ରେଣୀର୍ ଛାତ୍ରଛାତ୍ରୀ ଅକ୍ଟୋବର୍ ମାସର୍ ୩୧ ତାରିଖ୍ ଭିତ୍ରେ ଆବେଦନ୍ କରିପାର୍ବେ । ୨୦୨୬-୨୭ ଶିକ୍ଷା ବଛର୍ନୁ ଏନ୍.ଏସ୍.ପି. ପୋର୍ଟାଲ୍ଥି ଝନେ ଛାତ୍ର ଏକାଧିକ୍ ବୃତି ନିୟମ୍ ଲାଗୁ କରାଯାଇଛେ । ଇ ନିୟମ୍ ଅନ୍ସାରେ ଯୋଗ୍ୟ ଛାତ୍ରଛାତ୍ରୀ ଏକାସାଙ୍ଗେ ମେଧା ଭିତିକ୍ ଛାତ୍ରବୃତି ଆଉ କଲ୍ୟାଣ୍ ଭିତିକ୍ ଛାତ୍ରବୃତିର୍ ଲାଭ୍ ନେଇପାର୍ବେ ।

ବିଶ୍ୱ ଅଙ୍ଗଦାନ୍ ଦିବସ୍ ଆର୍ଏନ୍ୟୁ / ସମ୍ବଲପୁର

'ଅଙ୍ଗଦାନ୍ କରୁନ୍- ନୂଆଁ ଜୀବନ୍ ଦଉନ୍' ବାର୍ତା ନେଇକରି ଆଏଜ୍ ପାଲନ୍ କରାଯାଉଛେ ବିଶ୍ୱ ଅଙ୍ଗଦାନ୍ ଦିବସ୍ । ଅଙ୍ଗଦାନ୍ ଜରିଏ ବହୁତ୍ ମୂଲ୍ୟବାନ୍ ଜୀବନ୍ ବଂଚାବାର୍ ଲକ୍ଷ୍ୟଥି ଫି ବଛର୍ ଆଝିରର୍ ଦିନ୍କେ ବିଶ୍ୱ ଅଙ୍ଗଦାନ୍ ଦିବସ୍ ଭାବେ ପାଲନ୍ କରାଯାଉଛେ । ଅଙ୍ଗଦାନ୍ କ୍ଷେତ୍ରଥି ସାରା ପୁର୍ଥି ନ ଭାରତ୍ ୩ ନମ୍ବର ଠାନେ

ରହିଥିବାର୍ ବେଲ୍‌କେ ପୂର୍ବାଂଚଲ ରାଜ୍ୟମାନ୍‌କର୍ ଭିତ୍‌ରେ ଓଡ଼ିଶା ସବୁନୁ ଆଗାଡ଼େ ରହିଛେ । ଝନେ ମସ୍ତିଷ୍କ ମୃତ ବ୍ୟକ୍ତିଙ୍କର୍ ଅଙ୍ଗଦାନ୍ ୮ ଝନ୍ ଲୁକ୍‌କର୍ ଜୀବନ୍ ବଂଚେଇ ପାର୍‌ସି । ରାଜ୍ୟ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ବିଭାଗ୍ ତର୍‌ଫୁ ଆଏଜ୍ ଲୋକସେବା ଭବନ୍ କନ୍‌ଭେନ୍‌ସନ୍ ସେଂଟର୍ ଠାନେ ରାଜ୍ୟସ୍ତରୀୟ ସମାରୋହ ଆୟୋଜନ୍ କରାଯାଉଛେ ।

ଗ୍ରୀନ୍ ଏଟିଏମ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ହିତାଧିକାରୀମାନେ ଯେନ୍ତା ସୁବିଧାଥି ଚାଉଲ୍ ପାଇପାର୍‌ବେ ସେଥିର୍‌ଲାଗି ଯୋଗାଣ୍ ବିଭାଗ୍ ତର୍‌ଫୁ ସମ୍ବଲ୍‌ପୁର୍ ନୁ ୨୪ ଘଂଟିଆ ଗ୍ରୀନ୍ ଏଟିଏମ୍ ସେବା ମୁଲ୍ ହେବାର୍‌କେ ଯାଉଛେ । ଇଥିର୍‌ଲାଗି ମ୍ୟୁନିସିପାଲ୍‌ଟି ପୁର୍‌ନା କୋଠାକେ ଚିହ୍ନଟ୍ କରାଯାଇଛେ । ୪/୫ ମାସ୍ ଭିତ୍‌ରେ ଇଥିର୍‌ଲାଗି ଦର୍‌କାରୀ ମିସିନ୍ ଲଗାଯିବାର୍ ଉତ୍‌ରୁ ଇଟା କାର୍ଯ୍ୟକାରୀ ହେବା ବଲି ଜିଲ୍ଲା ଯୋଗାଣ୍ ବିଭାଗ୍ ତର୍‌ଫୁ କୁହାଯାଇଛେ । ଇ ୨୪ ଘଂଟିଆ ଏଟିଏମ୍ କାର୍ଯ୍ୟକାରୀ ହେଲେ, ମହାନଗର୍ ନିଗମ୍ ଇଲାକାର୍ ରାସନ୍ ହିତାଧିକାରୀମାନ୍‌କର୍

ସହେତେ ଅଲ୍‌ଗା ଅଂଚଲ୍‌ର ହିତାଧିକାରୀମାନେ ଭିଲ୍ ଏଟିଏମ୍ ନୁ ଚାଉଲ୍ ସଂଗ୍ରହ କରିପାର୍‌ବେ ।

ସାଇବର୍ ସଚେତନତା          ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ମହିଳା ସଶକ୍ତିକରଣ୍ କେନ୍ଦ୍ର ତର୍‌ଫୁ ବେଟି ବଚାଓ-ବେଟି ପଢ଼ାଓ ଯୋଜ୍‌ନା ଅଧୀନ୍‌ଥି ଡିଜିଟାଲ୍ ଆଉ ଆର୍ଥିକ୍ ସାକ୍ଷରତା ସାମାଜିକ୍, ଅର୍ଥନୈତିକ୍ ଆଉ ରାଜନୈତିକ୍ ଅଧିକାର୍ ଆଉ ସାଇବର୍ ସୁରକ୍ଷା ବାବଦ୍ ଜିଲ୍ଲାସ୍ତରୀୟ କର୍ମଶାଳା ହେଇଯାଇଛେ । ଜିଲ୍ଲାପାଲ୍ ମଧୁସୂଦନ୍ ଦାସ କାର୍ଯ୍ୟକ୍ରମ୍‌କେ ଉଦ୍‌ଘାଟନ୍ କରିକରି ସାଇବର୍ ଠକେଇ ଲାଗି ସତର୍କ ରହେବାର୍ ସହେତେ ଡିଜିଟାଲ୍ ମାଧ୍ୟମ୍‌ର ସୁରକ୍ଷିତ୍ ବେଭାର୍ ଉପ୍‌ରେ ଜୋର୍ ଦେଇଥିଲେ ।

ପାଣିପାଗ     ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ ପଶ୍ଚିମ ବଙ୍ଗୋପ୍ସାଗର୍ ଆଉ ତାର୍ ଆଖର୍ପାଖର୍ ଇଲାକା ନ ହେଇଥିବା ଘୂର୍ଣ୍ଣିବଲୟ ଆଏଜ୍ ଲଘୁଚାପ୍ କ୍ଷେତ୍ରଥି ବଦ୍ଲିଛେ । ଆଏବା ୨୪ ଘଂଟା ଭିତ୍ରେ ଇଟା ଅବପାତ୍ଥି ବଦ୍ଲିବା । ଇତାର୍ ପ୍ରଭାବ୍ଥି ଆଏବା ୧୭ ତାରିଖ୍ତକ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଜବର୍ ବର୍ଷା ହେଇପାରେ ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ଆକଲନ୍ କରାଯାଇଛେ ।